# Akashvani, Sambalpur

## SAMBALPURI NEWS EVENING BULLETIN

**17 May 2024- 7.02 pm- 7.12 pm.**

*********************************************

୧- ରାଏଜେ ୨ ନମ୍ବର୍ ଖେପ୍ ଭୋଟ୍ ଲାଗି ଆଏବା କାଏଲ୍ ସର୍‌ବା ପ୍ରଚାର୍ ।

୨- ବିଜେପିର୍ ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ୨ ଦିନିଆ ଗସ୍ତ୍‌ଥି ଆସ୍‌ବେ ଓଡ଼ିଶା ।

୩- ରାଏଜେ ଭିନ୍ ଭିନ୍ ରାଜନୈତିକ୍ ଦଲର୍ ବରିଷ୍ଠ ନେତା କରୁଛନ୍ ନିର୍ବାଚନ୍ ପ୍ରଚାର୍ ।

ଆଉର୍

୪- ରାଜ୍ୟର୍ ଭିନ୍ ଭିନ୍ ବିଶ୍ୱବିଦ୍ୟାଳୟ ଆର୍ ମହାବିଦ୍ୟାଳୟ ନ ସ୍ନାତକୋତରଥି ନାଁ ଲେଖାବାର୍‌କେ ଆଏବାକାଏଲ୍‌ଠାନୁ ସିପିଇଟି-୨୦୨୪ ଲାଗି ଅନ୍‌ଲାଇନ୍ ଆବେଦନ୍ ହେବା ମୁଲ୍ ।

ରାଜ୍ୟ ୨ ନମ୍ବର୍ ଖେପ୍ ଭୋଟ୍      ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ୨ ନମ୍ବର୍ ଖେପ୍ ଭୋଟ୍ ଲାଗି ଆଏବା କାଏଲ୍ ପ୍ରଚାର୍ ଶେଷ୍ ହେଉଛେ । ଇ ଖେପେ ବଲାଙ୍ଗିର୍, ବର୍ଗଡ଼୍, ସୁନ୍ଦର୍ଗଡ଼୍, ଆସ୍କା ଆର୍ କନ୍ଧମାଲ୍ ଲୋକ୍ସଭା ଆସନ୍ ଆଉ ଇତାର୍ ଅଧୀନ୍ଥି ଥିବା ୩୫ ଟା ବିଧାନ୍ସଭା ଆସନ୍ ଲାଗି ଆଏବା ୨୦ ତାରିଖ୍ ଦିନ ଭୋଟ୍ ହେବା । ଭୋଟ୍ ଗ୍ରହଣ୍ ଲାଗି ନିୟୋଜିତ ହେଇଥିବା ଅଧିକାରୀ ଆର୍ କର୍ମଚାରୀମାନେ ଆଏବା କାଏଲ୍ ଠାନୁ ମତଦାନ୍ କେନ୍ଦ୍ରମାନ୍କୁ ଯିବାର୍ ମୁଲ୍ କର୍ବେ । ଇତାର୍ସହେତେ ନିର୍ବାଚନ୍ ଯେନ୍ତା ସୁରୁଖୁରୁଥି ହେବା ସେଥିର୍ଲାଗି ପ୍ରଶାସନ୍ ତର୍ଫୁ ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ ।

ବୌଦ୍ଧ- ନିର୍ବାଚନ୍ ପ୍ରସ୍ତୁତି      ବୌଦ୍ଧ ସମ୍ବାଦଦାତା

ସେଆଡ଼େ ବୌଦ୍ଧ ଜିଲ୍ଲା ନ ଆଏବା ୨୦ ତାରିଖ୍ ଭୋଟ୍ ଲାଗି ପ୍ରସ୍ତୁତି ଶେଷ୍ ହେଇଛେ । ଭୋଟ୍ଗ୍ରହଣ୍ ଲାଗି ନିୟୋଜିତ କର୍ମଚାରୀମାନେ ସବୁ ଜିନିଷ୍ ନେଇକରି ଆଏବାକାଏଲ୍ଠାନୁ ମତଦାନ୍ କେନ୍ଦ୍ରମାନ୍କେ ଯିବାର୍ ମୁଲ୍ କର୍ବେ । ବୌଦ୍ଧ ପଂଚାୟତ୍ କଲେଜ୍ ଠାନେ ଜିଲ୍ଲା

ନିର୍ବାଚନ୍ ନିୟନ୍ତ୍ରଣ କକ୍ଷ ଖୁଲାଯାଇଛେ । ସେଠାନୁ କର୍ମଚାରୀମାନ୍‌କୁ ଇଭିଏମ୍, ଭିଭିପାଟ୍ ଆଉ ନିର୍ବାଚନ୍ ସାମଗ୍ରୀ ଯୁଗେଇ ଦିଆଯିବା । ଇଟା ଯେନ୍ତା ନିର୍ଭୁଲ୍ ଆଉ ସୁରୁଖୁରୁ ହେବା ସେଥିର୍‌ଲାଗି ପ୍ରଶାସନ୍ ତର୍‌ଫୁ ଆଏଜ୍ ମକ୍‌ଡ୍ରିଲ୍ ହେଇଯାଇଛେ ।

ନିର୍ବାଚନ୍ ପ୍ରଚାର୍-ବଲାଙ୍ଗିର୍ ଆର୍‌ଏନ୍‌ୟୁ/ କଟକ୍

ବଲାଙ୍ଗିର୍ ଲୋକ୍‌ସଭା ଆସନ୍ ସହେତେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍ ଆଉ ସୋନ୍‌ପୁର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ଆଏବା ୨୦ ତାରିଖ୍ ଦିନ ଭୋଟ୍ ହେବାର୍‌କେ ଥିବା ବେଲେ ଦଲୀୟ ପ୍ରାର୍ଥୀଙ୍କର୍ ପ୍ରଚାର୍ ସର୍‌ଗରମ୍ ହେଇଉଠିଛେ । ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ବିଜେପି, ବିଜେଡ଼ି, କଂଗ୍ରେସ୍ ଆଉ ନିର୍ଦ୍ଦଳୀୟ ବିଧାୟକ୍ ପ୍ରାର୍ଥୀମାନେ ସେମାନ୍‌କର୍ ଦଲୀୟ କର୍ମୀ ଆର୍ ସମର୍ଥକଙ୍କୁ ନେଇକରି ଭୋଟର୍‌ମାନ୍‌କୁ ଭୋଟ୍ ଭିକ୍ଷା କରୁଛନ୍ । ପ୍ରଚାର୍ କାମ୍ ଆଏବା କାଏଲ୍ ଉପର୍‌ବେଲା ସରୁଥିବାର୍ ବେଲେ ସବୁ ପ୍ରାର୍ଥୀ ଆଏଜ୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ପ୍ରଚାର୍‌ଥି ଲାଗିପଡ଼ିଛନ୍ ।

ନିର୍ବାଚନ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୪ ନମ୍ବର ଖେପ୍ ନିର୍ବାଚନ୍ ଲାଗି ଆଏଜ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ଥିଲା । ଇ ଖେପେ ମୟୁର୍‌ଭଞ୍ଜ୍, ବାଲେଶ୍ୱର୍, ଜଗତ୍‌ସିଂହପୁର୍, କେନ୍ଦ୍ରାପଡ଼ା, ଭଦ୍ରକ୍ ଆର୍ ଯାଜ୍‌ପୁର୍ ଲୋକ୍‌ସଭା ଆସନ୍ ଆର୍ ଇତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଆଏବା ୧ ତାରିଖ୍ ଦିନ ଭୋଟ୍ ହେବା ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ବିଜେପିର ବରିଷ୍ଠ ନେତା ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ୧୯ ତାରିଖ୍ ଦିନ ପୁହୁଁଚିବେ । ୨୦ ତାରିଖ୍ ଦିନ ପୁରୀ ଗସ୍ତ ନ ଯାଇକରି ଶ୍ରୀଜୀଉଙ୍କର୍ ଦର୍ଶନ୍ କର୍‌ବେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ପୁରୀ ବଡ଼ଦାଣ୍ଡ ନ ଗୁଟେ ନିର୍ବାଚନ ରୋଡ୍ ସୋଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ସେଦିନ ଉପର୍‌ବେଲା କଟକ୍‌ଠାନେ ଦଳୀୟ ପ୍ରାର୍ଥୀଙ୍କର୍ ଲାଗି ନିର୍ବାଚନୀ ସଭାଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଦଳୀୟ ପ୍ରଚାର୍-ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ କଟକ୍

ରାଏଜେ ଆଉ ୩ ଟା ଖେପ୍ ନିର୍ବାଚନ୍ ଲାଗି ରାଜନୈତିକ୍ ଦଲ୍ମାନ୍କର୍ ତର୍ଫୁ ନିର୍ବାଚନୀ ପ୍ରଚାର୍ ସର୍ଗରମ୍ ହେଉଛେ । ଭିନ୍ ଭିନ୍ ରାଜନୈତିକ୍ ଦଲର୍ ପୁର୍ଖା ନେତାମାନେ ଦଲୀୟ ପ୍ରାର୍ଥୀମାନ୍କର୍ ପ୍ରଚାର୍ ଲାଗି ଓଡ଼ିଶା ଆସିକରି ପ୍ରଚାର୍ କାମ୍ଥି ଯୋଗ୍ ଦଉଛନ୍ । ସମ୍ବଲ୍ପୁର୍ ନ ଆଏଜ୍ ବିଜେଡ଼ି ସଭାପତି ଆର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଦଲର୍ ପ୍ରାର୍ଥୀମାନ୍କର୍ ଲାଗି ପ୍ରଚାର୍ କରିଛନ୍ । ରାଜ୍ୟ ସର୍କାର୍ କାର୍ଯ୍ୟକାରୀ କରିଥିବା ଭିନ୍ ଭିନ୍ ଯୋଜ୍ନା ବାବ୍ଦେ ଭୋଟର୍ମାନ୍କୁ ଜନାବାର୍ ସହେତେ ତାଙ୍କର୍ ଦଲର୍ ପ୍ରାର୍ଥୀମାନ୍କୁ ଭୋଟ୍ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ନିବେଦନ୍ କରିଛନ୍ । ସେଆଡ଼େ ବିଜେପିର୍ ଷ୍ଟାର୍ ପ୍ରଚାରକ ହେମାମାଲିନୀ ଆଏଜ୍ ଭୁବ୍ନେଶ୍ୱର୍ର ଶାଲିଆ ସାହି ନ ଜନସଭାକେ ସମ୍ବୋଧିତ୍ କରିଛନ୍ । ଇତାର୍ସହେତେ ସେ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କରିଛନ୍ । ବରିଷ୍ଠ ବିଜେପି ନେତା ଆର୍ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏଜ୍ ଉପର୍ବେଲା ରାଉର୍କେଲା ନ ଗୁଟେ ନିର୍ବାଚନ୍ ସଭାଥି ଲୁକ୍କୁ ଉଦ୍ବୋଧନ୍ ଦେଇଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍-ବିଜୟ ସଂକଳ୍ପ ଯାତ୍ରା          ବର୍‌ଗଡ୍

ସମ୍ବାଦଦାତା

ବିଜେପିର୍ ବରିଷ୍ଠ ନେତା ଆଉ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ବର୍‌ଗଡ୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କରିଛନ୍ । ଇ ଅବ୍‌ସରେ ଶ୍ରୀ ପ୍ରଧାନ୍ ପଦମ୍‌ପୁର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀର୍ ଡୁଙ୍ଗୁରିପାଲି, ଭଟ୍‌ଲି ନିର୍ବାଚନ୍ ମଣ୍ଡଲୀର ଉର୍ଦୁନା, ଅତାବିରା ନିର୍ବାଚନ୍ ମଣ୍ଡଲୀର୍ ରେମଣ୍ଡା ଠାନେ ହେଇଥିବା ବିଜୟ ସଂକଳ୍ପ ସମାବେଶ୍‌ଥି ଉଦ୍‌ବୋଧନ୍ ଦେଇଛନ୍ ।

ଏସ୍‌ଆଇଟି -ଗଞ୍ଜାମ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଲ୍ - ଏସ୍‌ଆଇଟି ଗଞ୍ଜାମ୍ ଜିଲ୍ଲା ଖଲ୍ଲିକୋଟ ନ ପ୍ରାକ୍ ନିର୍ବାଚନ ହିଂସାକାଣ୍ଡ ଘଟ୍‌ନାର୍ ତଦନ୍ତ୍ କର୍‌ବା ବଲି ପୁଲିସ୍ ମହାନିର୍ଦ୍ଦେଶକ୍  ଅରୁଣ୍ ଷଡ଼ଙ୍ଗୀ କହିଛନ୍ । ସେ କହିଛନ୍ ଯେ,  ଏବ୍‌ତକ୍ ଇ ଘଟ୍‌ନାଥି ୯ ଝନ୍ ଅଭିଯୁକ୍ତଙ୍କୁ ଗିରଫ୍ କରାଯାଇଥିବାର୍ ବେଳେ ଅଲଗାମାନ୍‌କୁ ଜଲ୍‌ଦି ଗିରଫ୍ କରାଯିବା । ଇତାର୍‌ସହେତେ ଇ ମାମ୍‌ଲାର୍ ଜଲ୍‌ଦି ବିଚାର୍

କରାଯିବାର୍ ଲାଗି ୩୦ ଦିନ୍ ଭିତ୍‌ରେ ଚାର୍ଜସିଟ୍ ଦାଖଲ୍ କର୍‌ବାର୍‌କେ ପୁଲିସ୍ ମହାନିର୍ଦ୍ଦେଶକ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଏସ୍‌ଆଇଟି ତଦନ୍ତ୍ କର୍‌ବାର୍ ଉତ୍‌ରୁ ଦକ୍ଷିଣାଂଚଲ୍ ରେଞ୍ଜ୍ ଆଇ.ଜି.ଙ୍କୁ ରିପୋର୍ଟ ଦେବେ ।

ସେଆଡ଼େ ପ୍ରାକ୍ ନିର୍ବାଚନୀ ହିଂସାକେ ନଜର୍‌ଥି ରଖିକରି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ୍ ରାଧାକିଶନ୍ ଶର୍ମା ଛତ୍ରପୁର୍ ନ ରହିକରି ଜିଲ୍ଲାର୍ ଆଇନ୍‌ଶୃଙ୍ଖଳା ପରିସ୍ଥିତିର୍ ତଦାରଖ୍ କର୍‌ବାର୍‌କେ ପୁଲିସ୍ ମହାନିର୍ଦ୍ଦେଶକ୍ ନିର୍ଦ୍ଦେଶ୍ ଦେଇଛନ୍ । ଇଥିର୍‌ଲାଗି ସେ ଆଏଜ୍ ସଞ୍ଜ୍‌ବେଲେ ଖଲ୍ଲିକୋଟ୍ ପୁହୁଁଚିଛନ୍ । ଭୋଟ୍ ସର୍‌ବାର୍‌ତକ୍ ସେ ଛତ୍ରପୁର୍ ନ ରହେବେ ବଲି ରାଜ୍ୟ ପୁଲିସ୍ ମୁଖ୍ୟାଳୟ ତର୍‌ଫୁ ସୂଚ୍‌ନା ମିଲିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା ୧୫ ତାରିଖ୍ ରାତି ଗଞ୍ଜାମ୍ ଜିଲ୍ଲା ଖଲ୍ଲିକୋଟ୍ ଇଲାକା ନ ନିର୍ବାଚନୀ ହିଂସାଥି ୧ଜନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ୩ ଜନ୍ ଗୁରୁତର୍ ଆହତ୍ ହେଇକରି ବ୍ରହ୍ମପୁର୍ ମେଡ଼ିକାଲ୍ ନ ଚିକିତ୍ସିତ୍ ହେଉଛନ୍ ।

ସିପିଇଟି-୨୦୨୪ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟମାନ୍‌କେ ସ୍ନାତକୋତର ପାଠ୍ୟକ୍ରମ୍‌ଥି ନାଁ

ଲେଖାବାର୍ ଲାଗି କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ- ସିପିଇଟି-୨୦୨୪ ଲାଗି ଅନ୍‌ଲାଇନ୍ ଆବେଦନ୍ ଆଏବା କାଏଲ୍‌ଠାନୁ ମୁଲ୍ ହେବା । ସେନ୍ତା ଆଏବା ୨୭ ତାରିଖ୍ ଦିନ ଆବେଦନ୍ କର୍‌ବାର୍ ଶେଷ୍ ଦିନ୍ ରହିଛେ । ଦର୍‌ଖାସ୍ତଥି କେନ୍‌ସି ଭୁଲ୍ ଥିଲେ ଛାତ୍ରଛାତ୍ରୀମାନେ ୨୮ ତାରିଖ୍ ଦିନ ସୁଧିରେଇପାର୍‌ବେ । ଜୁନ୍ ୨୭ ତାରିଖ୍ ଦିନ ପ୍ରବେଶିକା ପରୀକ୍ଷା ଲାଗି ଏଡ୍‌ମିଟ୍ କାର୍ଡ଼ ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ଼ ୱେବ୍‌ସାଇଟ୍‌ନୁ ପାଇପାର୍‌ବେ । ପ୍ରବେଶିକା ପରୀକ୍ଷା ଜୁଲାଇ ୩ ନୁ ୧୪ ତାରିଖ୍ ଭିତ୍‌ରେ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ମଧୁମେହ ଔଷଧ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ୪୧ ଟା ଉଷୋର୍ ଦାମ୍ କମ୍ କରିଛନ୍ । ସୂଚ୍‌ନା ଅନ୍‌ସାରେ ଇ ସବୁ ଉଷୋ ମଧୁମେହ ହୃଦୟ ଆର୍ ଯକୃତ ରୋଗ୍ ବାଗିର୍ ରୋଗର୍ ଚିକିତ୍ସା ଲାଗି ବେଭାର୍ ହେସି । ଲୁକ୍‌କୁ ଯେନ୍ତା ଅତ୍ୟାବଶ୍ୟକ ଉଷୋର କମ୍ ଦାମ୍‌ଥି ମିଲିପାର୍‌ବା ସେଥିର୍‌ଲାଗି ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ୍-ଏନ୍‌ପିପିଏ ର ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଭିନ୍ ଭିନ୍ ଉଷୋ କମିଥିବା ଦାମ୍ ବାବ୍‌ଦେ

ଜଲ୍‌ଦି ଡିଲର୍ ଆଉ ଷ୍ଟକିଷ୍ଟ୍ ମାନ୍‌କୁ ଜନାବାର୍‌କେ ଉଷୋ କମ୍ପାନୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ      ଆର୍‌ଏନ୍‌ୟୁ /ସମ୍ବଲପୁର/ବୌଦ୍ଧ

ଆଏଜ୍ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ୍ । ରକ୍ତଚାପ୍‌ର ପ୍ରତିରୋଧ୍, ଚିହ୍ନଟ୍ ଆର୍ ନିୟନ୍ତ୍ରଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି’ ବଛର୍ ମେ ମାସର୍ ଆଝିର୍ ଦିନେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଲନ୍ କରାଯାଇ ଆସୁଛେ । ୨୦୦୬ ମସିହାନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଇ ଦିବସ୍ ପାଲନ୍ ମୂଲ୍ କରିଥିଲା । ଇ ବଛ୍‌ରର ବିଶ୍ୱ ଉଚ୍ଚ ରକ୍ତଚାପ ଦିବସର ବାର୍ତା ହେଉଛେ ‘ନିର୍ଭୁଲ୍ ଭାବେ ନିଜର୍ ରକ୍ତଚାପ ମାପନ୍ତୁ, ଏହାକୁ ନିୟନ୍ତ୍ରଣ୍‌ରେ ରଖନ୍ତୁ ଏବଂ ଦୀର୍ଘଜୀବୀ ହୁଅନ୍ତୁ’ ।

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ବିଶ୍ୱ ଉଚ୍ଚ ରକ୍ତଚାପ୍ ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ପରିବାର୍ କଲ୍ୟାଣ୍ ଅଧିକାରୀ ଡାକ୍ତର୍ ବି.କେ. ହେମ୍ବ୍ରମ୍‌ଙ୍କର୍ ଅଧକ୍ଷତାଥି ହେଇଥିବା ସଚେତନତା ସଭାଥି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ଜୟକୃଷ୍ଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଛୋଟ୍ ଛୁଆଙ୍କର୍ ଭିତ୍‌ରେ

ଦେଖାଦେଇଥିବା ଉଚ୍ଚରକ୍ତଚାପ ସମସ୍ୟା ବାବ୍‌ଦେ ଆଲୋଚନା କରିଥିଲେ ।

ବିଶ୍ୱ ଦୂରସଂଚାର ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଦୂରସଂଚାର ଦିବସ୍ । ମିଳିତ ଜାତିସଂଘ ତର୍‌ଫୁ ୨୦୦୬ ମସିହାନୁ ଇ ଦିବସ୍ ପାଲନ୍ କରାଯାଉଛେ । ସୂଚନା ପ୍ରଯୁକ୍ତି ବିଦ୍ୟା ଆର୍ ଇଂଟର୍‌ନେଟ୍ ବାଗିର୍ ଆଧୁନିକ ବୈଷୟିକ ଜ୍ଞାନ୍ କୌଶଲ୍ ଏଛ୍‌ନିର୍ ସମିଆର୍ ସମାଜ୍‌ନ ଗହୀର ପ୍ରଭାବ୍ ପକେଇଛେ । ଇ ବାବଦେ ପୁର୍‌ଥିର୍ ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଇ ଦିନ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ୧୮୬୫ ମସିହା ଆଝିର୍ ଦିନେ ଆନ୍ତର୍ଜାତୀୟ ଦୂରସଂଚାର ସଂଘ - ଇଂଟର୍‌ନେସନ୍‌ନାଲ୍ ଟେଲି କମ୍ୟୁକେସନ୍ ୟୁନିୟନ୍ ଗଠନ୍ କରାଯାଇଥିଲା ।

ବିଜ୍‌ଲି କାଟ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍ ସହରର୍ ଅଇଁଠାପାଲି ଆଉ ଚେରୁଆପଡ଼ା ଗ୍ରୀଡ୍‌ର ମରାମତି କାମ୍ ଲାଗି ଆଏବାକାଏଲ୍ ବିଜ୍‌ଲି କାଟ୍ ହେବା । ସମ୍ବଲ୍‌ପୁର୍ ସହରର୍ ଅଇଁଠାପାଲି, କାଇଁଶିର୍,

ଜମାଦାର୍‌ପାଲି, ଅନୁଗୁଲିଆପଡ଼ା, ବରେଇପାଲି, ବୁଢ଼ାରଜା, ରେମେଡ୍, ଏସ୍‌ଆର୍‌ଆଇଟି କଲୋନୀ, ପ୍ରଧାନ୍‌ପଡ଼ା, ମୁଦିପଡ଼ା, ଫାଟକ୍, ଗୋପାଲ୍‌ମାଲ୍, ଏନ୍.ଗୁହା ଲେନ୍, ଚେରୁଆପଡ଼ା, ବଡ଼ବଜାର୍, ରେଲ୍‌ୱେକଲୋନୀ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ଆଏବାକାଏଲ୍ ସଖାଲର୍ ୫ ବଜେନୁ ସାଢ଼େ ୮ ବଜେତକ୍ ବିଜ୍‌ଲି ଯୋଗାଣ ବନ୍ଦ୍ ରହେବା ।

ହୀରାକୁଦ୍ ବନ୍ୟା ନିୟନ୍ତ୍ରଣ କକ୍ଷ ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ବନ୍ୟା ନିୟନ୍ତ୍ରଣ କକ୍ଷ ଆଏବା ମାସ ୧ ତାରିଖ୍‌ନୁ ଅକ୍ଟୋବର୍ ୩୧ ତାରିଖ୍‌ତକ୍ ଖୁଲା ରହେବା । ଇ ବାବ୍‌ଦେ ହୀରାକୁଦ୍ ଚିଫ୍ ଇଞ୍ଜିନିୟର୍ ଆର୍ ମହାନଦୀ ବେସିନ୍‌ର ବେସିନ୍ ମେନେଜର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ବନ୍ୟା ବାବଦ୍ ସୂଚ୍‌ନା ପାଏବାର୍ ଲାଗି ୮୭୬୩୬-୫୨୩୧୫ ଥି ଯୋଗାଯୋଗ୍ କରାଯାଇପାର୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଦକ୍ଷିଣ ଗୋଲାର୍ଦ୍ଧ ବିଷୁବ ରେଖା ପାର୍ କରିକରି ଆରବ୍ ସାଗର୍‌କେ ଆସୁଥିବା ପବନ୍ ବଙ୍ଗୋପ୍‌ସାଗର୍ ନ ପୁହୁଁଚିବା ଉତ୍‌ରୁ ରାଏଜେ ଆଏବା ୩ ନୁ ୪ ଦିନ୍ ଭିତ୍‌ରେ ଆସ୍ତେ ଆସ୍ତେ ତାତି ବଢ଼୍‌ବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇତାର୍ ପ୍ରଭାବ୍ ରାଜ୍ୟର୍ ଭିତ୍‌ରିଆ ଇଲାକା ଆର୍ ଉପକୂଲ୍ ଓଡ଼ିଶା ନ ସିଧାସଲଖ୍ ପଡ଼୍‌ବା ।

ଇ ବଛର୍ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକ୍‌ନୁ ଗୁଟେ ଦିନ୍ ଆଘୋନୁ କେରଳ ପୁହୁଁଚିବାର୍ ସମ୍ଭାବନା ଅଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ସ୍ୱାଭାବିକ୍ ଭାବେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୧ ତାରିଖ୍ ଦିନ କେରଳ ପୁହୁଁଚିସି । ହେଲେ ଇ ବଛର୍ ମେ ୩୧ ତାରିଖ୍‌ତକ୍ କେରଳ ଉପକୂଳ ଛୁଇଁପାରେ । ସେଆଡ଼େ ଗଲା ୨୪ ଘଂଟା ଭିତ୍‌ରେ ବାୟୁମଣ୍ଡଲ୍‌ର ମଧ୍ୟ ଆର୍ ଉପ୍‌ରିଭାଗ୍‌ର ସକ୍ରିୟ ଆଉ ନିମ୍ନଚାପରେଖା ପ୍ରଭାବ୍‌ଥି ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ପାଗ୍ ବାଦ୍‌ଲିଆ ରହେବାର୍ ସହେତେ କେତେଟା ଜାଗା ନ ହାଲ୍‌କା ବର୍ଷା ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ନୂଆପଡ଼ା, ବଲାଙ୍ଗିର୍, କଲାହାଣ୍ଡି ଆଉ ନବରଙ୍ଗ୍‌ପୁର୍ ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ବିଜ୍‌ଲି, ଘଡ଼୍‌ଘଡ଼ି ସହେତେ ବର୍ଷା ହେବାର୍ ସମ୍ଭାବନା ରହିଛେ ।